# ପିଲାଙ୍କ ଧରିତ୍ରୀ

ଶନିବାର ,୨୭ ମେ', ୨୦୨୩



୧
ଜଣା ଅଜଣା



# ଉଦାରତା ମହାନ୍ ଗୁଣ

ଗପ

ଶ୍ରୀ ରାମଚରିତ ମାନସରେ ତୁଳସୀ ଦାସ ଅତି ସୁନ୍ଦର ଭାବେ ଲେଖିଛନ୍ତି, ଭାଗ୍ୟ ବଳରେ ଆମକୁ ମଣିଷ ଜନ୍ମ ମିଳିଛି। ତେଣୁ ଏହି ଜନ୍ମକୁ ସାର୍ଥକ କରିବା ଆମର କର୍ତ୍ତବ୍ୟ। କିନ୍ତୁ ପରିତାପର ବିଷୟ ଦିନକୁ ଦିନ ଆମ ସମାଜରେ ଏଭଳି ସ୍ଥିତି ଆସି ପହଞ୍ଚିଲାଣି ଲୋକେ ଶାନ୍ତି, ପ୍ରେମ, ଦୟା, କ୍ଷମା, ସହାନୁଭୂତି, ଉଦାରତା ଭଳି ମାନବୀୟ ଗୁଣକୁ ଭୁଲି ସାରିଲେଣି। ଏହି ମହନୀୟ ଗୁଣସବୁକୁ ଯଦି ଆମେ ଗଳାର ହାର କରିପାରିବା, ତେବେ ଆମ ଜୀବନ ଧନ୍ୟ ହୋଇ ପାରିବ। ଆମେ ସମସ୍ତେ ଜଣେ ଜଣେ ମହାନ୍ ବ୍ୟକ୍ତିତ୍ୱର ଉଦାହରଣ ହୋଇପାରିବା। ଏହି ମର୍ମରେ ଆମ ଦେଶର ପ୍ରଥମ ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱର ଏକ ଉଦାହରଣ ଶୁଣିବା।

ଆମ ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ରାଷ୍ଟ୍ରପତି ଭବନରେ ରହୁଥିବା ସମୟରେ ତୁଳସୀ ନାମକ ଜଣେ ବ୍ୟକ୍ତି ତାଙ୍କ ସେବାରେ ନିଯୁକ୍ତ ହୋଇଥିଲେ। ସେ ଖୁବ୍ ବିଶ୍ୱାସୀ ଥିଲେ କିନ୍ତୁ ତାଙ୍କର ବାରମ୍ବାର କିଛି ନା କିଛି ଭୁଲ୍ ହେଉଥିଲା। କାମ କରିବା ସମୟରେ କିଛି ନା କିଛି ସାମଗ୍ରୀ ତାଙ୍କ ହାତରୁ ଖସି ଭାଙ୍ଗି ଯାଉଥିଲା। ଏହା ଦେଖି ରାଷ୍ଟ୍ରପତି କାର୍ଯ୍ୟ କରିବା ସମୟରେ ସାବଧାନତା ଅବଲମ୍ବନ କରିବାକୁ ଚେତାଇଲେ ମଧ୍ୟ ସେ ଠିକ୍ ରୂପେ ଧ୍ୟାନ ଦେଲେ ନାହିଁ। ଦିନେ ଜଣେ ବିଦେଶୀ ଅତିଥି ହାତୀଦାନ୍ତର ଏକ ବହୁମୂଲ୍ୟ କଲମ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ଦେଇଥିଲେ। କିନ୍ତୁ ତା' ପରଦିନ ତୁଳସୀ ଘର ସଜାଇବା ସମୟରେ ସେହି ମୂଲ୍ୟବାନ କଲମକୁ ମଧ୍ୟ ତଳେ ପକାଇ ଭାଙ୍ଗି ଦେଲେ। ରାଷ୍ଟ୍ରପତି ଏହା ଦେଖି ଭାରି ମନ ଦୁଃଖ କଲେ ଏବଂ ବାରମ୍ବାର ଅସାବଧାନତା ଯୋଗୁ ସଙ୍ଗେ ସଙ୍ଗେ ତୁଳସୀଙ୍କୁ ଅନ୍ୟ ଏକ ସ୍ଥାନରେ ନିଯୁକ୍ତ କଲେ। ତା' ପରଦିନ ଠାରୁ ତୁଳସୀ ଉଦ୍ୟାନର କାର୍ଯ୍ୟରେ ନିଯୁକ୍ତ ହେଲେ। ଯେତେବେଳେ ଅଫିସ କାର୍ଯ୍ୟ ସାରି ରାଷ୍ଟ୍ରପତି ଘରକୁ ଆସିଲେ, ତୁଳସୀଙ୍କୁ ନ ପାଇ ବଡ ଚିନ୍ତିତ ଦେଖାଗଲେ। ଭାବିଲେ, ତୁଳସୀ ତ ଜାଣି ଶୁଣି କଲମ ଭାଙ୍ଗି ନ ଥିଲା ଅସାବଧାନତା କାରଣରୁ ତାହା ହୋଇଯାଇଛି। କିନ୍ତୁ ତାଙ୍କୁ ବାହାର କରିଦେଲେ ସେ କ'ଣ ସୁଧୁରି ଯିବେ? ବରଂ ବାହାର କରି ଦେବା ଫଳରେ ତାଙ୍କ ଭାବନାକୁ ବହୁ ଆଘାତ ଲାଗିଥିବ। ସେ ପୁନର୍ବାର ତୁଳସୀଙ୍କୁ ଡକାଇଲେ। ତୁଳସୀ ଅପରାଧୀ ପରି ଆସି ସେଠାରେ ମଥାନତ କରି ଉପସ୍ଥିତ ହେଲେ। ରାଷ୍ଟ୍ରପତି କହିଲେ, ମୋତେ କ୍ଷମା କରି ଦିଅ ତୁଳସୀ! ତୁମକୁ ବାହାର କରି ମୁଁ ଭୁଲ୍ କରିଛି। ଏହା ଶୁଣି ତୁଳସୀ ସହିତ ଉପସ୍ଥିତ ଥିବା ସଚିବମାନେ ଆଶ୍ଚର୍ଯ୍ୟ ହୋଇଗଲେ। ତୁଳସୀ ମନେ ମନେ ଭାବିବାକୁ ଲାଗିଲେ, ଭୁଲ୍ ତ ମୁଁ କଲି, କ୍ଷମା ବାବୁ ମାଗୁଛନ୍ତି! ତା'ର ଆଖିରୁ ଅଶ୍ରୁଧାରା ବୋହିବାକୁ ଲାଗିଲା। ତାଙ୍କ ପାଟିରୁ ଆଉ କିଛି ଶବ୍ଦ ବାହାରିଲା ନାହିଁ। ରାଜେନ୍ଦ୍ର ପ୍ରସାଦ ପୁନଶ୍ଚ କହିଲେ, ଯେ ପର୍ଯ୍ୟନ୍ତ ତୁମେ ମୋତେ କ୍ଷମା ନ କରିଛ, ମୁଁ ଏଭଳି ତୁମ ସମ୍ମୁଖରେ ଛିଡ଼ା ହୋଇ ରହିବି। ଶେଷରେ ତୁଳସୀ ବାଧ୍ୟ ହୋଇ କହିଲେ, ବାବୁ ଆପଣଙ୍କୁ କ୍ଷମା କଲି। ତୁଳସୀ ନିଜର ଭୁଲ୍ ବୁଝିବା ସଙ୍ଗେ ସଙ୍ଗେ ଜଣେ ଆଦର୍ଶ ନେତାଙ୍କର ଉଦାରତାକୁ ମନେ ମନେ ପ୍ରଣାମ କରୁଥିଲା।

– ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ, ମୋ: ୭୮୯୪୦୦୫୪୫୫

## ଖିଲି ଖିଲି ହସ

ମିକି : ପିକୁ, ତୁ ମୋତେ ବହୁତ ହଇରାଣ କରୁଛୁ, ମୁଁ ତୋ ଘରକୁ ଯାଇ ତୋ ନାଁରେ କମ୍ପ୍ଲେନ୍ କରିବି । ତୁମ ଘର କେଉଁଠି?
ପିକୁ: ଆମ ଘର ମିଠା ଦୋକାନ ପାଖରେ।
ମିକି : ମିଠା ଦୋକାନ କେଉଁଠି?
ପିକୁ: ମୋ' ଘର ସାମ୍ନାରେ
ମିକି ରାଗିଯାଇ : ଦୁଇଟି ଯାକ କେଉଁଠି?
ପିକୁ: ସାମ୍ନାସାମ୍ନି।

ଅଜୟ: ବିଜୟ, ତୁ କେମିତି କହିପାରିବୁ ଯେ ଚିଲର ଆଖି ବହୁତ ତୀକ୍ଷ୍ଣ।
ବିଜୟ: ଅଜୟ, କାହିଁକି ନା ତୁ କେବେ ତାକୁ ଚଷମା ପିନ୍ଧିଥିବାର ଦେଖିଛୁ !

ଚିଣ୍ଟୁ: ମମି ପିଲାମାନେ ଯଦି କିଛି ଭୁଲ୍ କରନ୍ତି, ତାଙ୍କୁ କ୍ଷମା କରିଦେବା କଥା କି ନା ?
ମମି (ଚିଣ୍ଟୁକୁ ଗେହ୍ଲେଇ କହିଲେ) : ହଁ, ତାଙ୍କୁ କ୍ଷମା କରିଦେବା କଥା।
ଚିଣ୍ଟୁ: ଠିକ୍ ଅଛି, ମମି ତୁମେ ଯେଉଁ ନୂଆ ପାଣି ବଟଲଟା ଦେଇଥିଲ ମୁଁ ତାକୁ ହଜାଇ ଦେଇଛି !

# ଜୁନିୟର ଫ୍ୟାଶନ୍ ଆଇକନ୍ ଅୟାନୀ

ଶିଶୁ ପ୍ରତିଭା



ବୟସ ସିନା କମ୍ ହେଲେ ସେ ଯେତେବେଳେ ଷ୍ଟେଜ୍‌ରେ ରାମ୍ପ ୱାକ୍ କରନ୍ତି ଦର୍ଶକଙ୍କ ନଜର ହଟେନି। ତାଙ୍କ ଚାଲି ଆଉ ଭାବଭଙ୍ଗୀ ସଭିଙ୍କ ମନକୁ ଛୁଇଁଯାଏ। ଯେଉଁଥିପାଇଁ ଓଡ଼ିଆ ଫ୍ୟାଶନ୍ ଇଣ୍ଡଷ୍ଟ୍ରିରେ ଜଣେ ଜୁନିୟର ମଡେଲ୍ ଭାବେ ସେ ବେଶ୍ ଜଣାଶୁଣା। ସେ ହେଉଛନ୍ତି ନୟାଗଡ ଜିଲା ଇଟାମାଟି ଅନ୍ତର୍ଗତ ସୁନାଳିଠାରେ ରହୁଥିବା କଳ୍ପନା ମଞ୍ଜରୀ ଏବଂ ଗୋପାଳ ଚନ୍ଦ୍ର ଦଳାଇଙ୍କ ଝିଅ ଅୟାନୀ ଅଲିଶା। ବର୍ତ୍ତମାନ ସେ ଜଟଣୀସ୍ଥିତ କାର୍ମେଲ୍ ଇଂଲିଶ୍ ମିଡିଅମ୍ ସ୍କୁଲରେ ଷ୍ଟାଣ୍ଡାର୍ଡ-୭ର ଛାତ୍ରୀ। ତାଙ୍କ ବଡ ଭଉଣୀ(ପ୍ରଜ୍ଞା ପରିଣିତା) ଜଣେ ମଡେଲ୍। ତାଙ୍କୁ ଷ୍ଟେଜ୍‌ରେ ରାମ୍ପୱାକ କରୁଥିବା ଦେଖି ଅୟାନୀ ମଧ୍ୟ ଘରେ ଆସି ସେହିଭଳି ଚାଲନ୍ତି। ମଡେଲିଂ ପ୍ରତି ଆଗ୍ରହ ଦେଖି ପରିବାର ପକ୍ଷରୁ ମଧ୍ୟ ତାଙ୍କୁ ମିଳେ ସମସ୍ତ ପ୍ରକାରର ପ୍ରୋତ୍ସାହନ। ସେବେଠୁ ଆରମ୍ଭ ହୁଏ ତାଙ୍କର ମଡେଲିଂ କ୍ୟାରିୟର। ଆଉ ଦିନକୁ ଦିନ ସେ ଏ କ୍ଷେତ୍ରରେ ଚଢ଼ିଚାଲନ୍ତି ସଫଳତାର ଶିଡ଼ି। ବର୍ତ୍ତମାନ ସୁଦ୍ଧା ସେ କେବଳ ଓଡ଼ିଶାରେ ନୁହେଁ ବରଂ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଭଳି ସ୍ଥାନରେ ଆୟୋଜିତ ଫ୍ୟାଶନ୍ ଶୋ'ରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ମିଳିଛି ଓଡ଼ିଶା ଫ୍ୟାଶନ୍ ଆଇକନ୍, ମିସ୍ ଦିଲ୍ଲୀ ଜୁନିୟର ଫ୍ୟାଶନ୍ ଆଇକନ୍- ୨୦୧୯, ଓଡ଼ିଶା ଜୁନିୟର ମଡେଲ୍ ଭଳି ଅନେକ ସମ୍ମାନ। ନିକଟରେ ହାଇଦ୍ରାବାଦରେ ଆୟୋଜିତ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ୍‌ରେ ଅଂଶଗ୍ରହଣ କରି ସେ ବେଷ୍ଟ ନ୍ୟାଶନାଲ୍ କଷ୍ଟ୍ୟୁମ୍ ଏବଂ ଫେସ୍ ଅଫ୍ ଓଡ଼ିଶା ଟାଇଟଲ୍ ହାସଲ କରିଛନ୍ତି। ତେବେ ମଡେଲିଂ କ୍ଷେତ୍ରରେ ବଡ଼ ଭଉଣୀଙ୍କୁ ପ୍ରଥମ ଗୁରୁ ମାନୁଥିବା ଅୟାନୀ ନିଜ ସଫଳତା ପଛରେ ଓଡ଼ିଶା ଫ୍ୟାଶନ ଭିଲାର ଷ୍ଟେଟ୍ ଡାଇରେକ୍ଟର ଅଭିଜିତ୍ ମହାନ୍ତିଙ୍କ ପ୍ରେରଣା ରହିଥିବା ପ୍ରକାଶ କରନ୍ତି। ମଡେଲିଂ ବ୍ୟତୀତ ସେ ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଡାକ୍ତର ହେବା ସହ ପୂର୍ବତନ ମିସ୍ ୱାର୍ଲ୍ଡ ମାନୁଶୀ ଛିଲାରଙ୍କ ଭଳି ସଫଳ ମଡେଲ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅଭିନୟ, ନୃତ୍ୟ, ପେଣ୍ଟିଂ ଏବଂ ବକ୍ତୃତାରେ ମଧ୍ୟ ଅନେକ ପୁରସ୍କାର ପାଇଛନ୍ତି। ସେ ଖୁବ୍ ପଶୁପକ୍ଷୀପ୍ରେମୀ ହୋଇଥିବାରୁ ଘରେ ୪ଟି କୁକୁର, ବିଭିନ୍ନ ପ୍ରକାରର ଚଢ଼େଇ ମଧ୍ୟ ରଖିଛନ୍ତି। ସେମାନଙ୍କ ସହ ସମୟ ବିତାଇଲେ ମନ ଖୁସି ରୁହେ ବୋଲି ମତ ଦିଅନ୍ତି ଅୟାନୀ।

–ପୌର୍ଣ୍ଣମାସୀ

## ମତାମତ

❖ ଏଥର ପ୍ରକାଶିତ 'ଶିକ୍ଷା ଓ ସଂସ୍କାର' ଗପଟି ଶିକ୍ଷଣୀୟ ହୋଇପାରିଛି।

– ବବ୍ଲୁ ସାହୁ, ଢେଙ୍କାନାଳ

❖ 'ଲକ୍ଷ୍ୟ' ବିଷୟଟି ପଢ଼ି ଏ ସମ୍ପର୍କରେ ଅନେକ କଥା ଜାଣିହେଲା।

– ତନୁଜା ଦାସ, ବାରିପଦା

❖ ଏଥର ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଛି।

– ଅନମୋଲ ନାୟକ, ପୁରୀ

❖ ଏଥର ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।

– ଅନିମା ରାଉତ, ବ୍ରହ୍ମପୁର

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com

# ଛୁଟିରେ...



## ଖରାଛୁଟିକୁ ନିଜ ନିଜ ଢଙ୍ଗରେ ସମସ୍ତେ କଟାଉଛନ୍ତି। କେତେକଙ୍କ ପାଇଁ ପାଠପଢ଼ାର କିଛିଟା ଚାପ ରହିଥିଲେବି  ନୂଆ କିଛି କରିବା ଲାଗି ସୁଯୋଗ ରହିଛି। ତେଣୁ ଏହି ସମୟରେ ପିଲାମାନେ ନିଜର ସୃଜନଶୀଳତା ବୃଦ୍ଧି କରିବା ସକାଶେ କିଛି ଭିନ୍ନ କାମ କରିବା ଆବଶ୍ୟକ...

ସ୍କୁଲ ପିଲାମାନେ ଏବେ ଖରାଛୁଟିକୁ ଉପଭୋଗ କରୁଛନ୍ତି। ସ୍କୁଲ ଖୋଲା ଥିବାବେଳେ ପିଲାମାନେ ଯାହା ସବୁ କରୁଥିଲେ ଏବେ ସେହି ଜୀବନଶୈଳୀରେ ନିଶ୍ଚିତଭାବେ କିଛିଟା ପରିବର୍ତ୍ତନ ହୋଇଛି। ଅବଶ୍ୟ ଛୁଟିରେ ପିଲାମାନେ ଭିନ୍ନ କିଛି କରିବାକୁ ଚେଷ୍ଟା କରିବା ଏକ ସକାରାତ୍ମକ ପରିବର୍ତ୍ତନ ହୋଇପାରେ। ପିଲାଙ୍କ ସୃଜନଶୀଳତା ବୃଦ୍ଧି କରିବା ସହ ସେମାନଙ୍କ ମାନସିକତା ପରିପକ୍ୱ ହୋଇଥାଏ। ତେଣୁ ବର୍ଷସାରା ସ୍କୁଲର ପାଠପଢ଼ା ସମୟ ଭିତରେ ପିଲାମାନେ ଯାହାସବୁ କରି ପାରୁ ନ ଥିଲେ ସେସବୁ କାମ ଛୁଟିରେ କରିବା ଆବଶ୍ୟକ।

### ରୋଷେଇ ଘରେ କିଛି ସମୟ

ଛୁଟିରେ ପିଲାଙ୍କ ପାଇଁ ହୋମୱର୍କ, ଟିୟୁସନ୍  ଆଦି ବିଭିନ୍ନ କାମର ସାମାନ୍ୟ ଚାପ ତ ରହିଛି କିନ୍ତୁ ତା' ଭିତରେ ସ୍କୁଲ ନ ଥିବାରୁ ଢେର୍  ସମୟ ବି ମିଳୁଛି। ତେଣୁ ଫାଙ୍କା ସମୟରେ ପିଲାମାନେ କିଛି ସମୟ ମା'ମାନଙ୍କ ପାଖରେ ରହି ରୋଷେଇ ଘରର କାମରେ ସାହାଯ୍ୟ କରନ୍ତୁ। ଏପରି କରିବା ଫଳରେ ଉଭୟ ମା' ଓ ପିଲାଙ୍କ ମଧ୍ୟରେ ସମ୍ପର୍କର ମାଧୁର୍ଯ୍ୟ ବଢ଼ିବ। ଖାଲି ସେତିକି ନୁହେଁ ରୋଷେଇ ଘରେ କିଛି କାମ କରିବା ଫଳରେ ମା'ଙ୍କୁ ମଧ୍ୟ ସାହାଯ୍ୟ କରିପାରିବେ। ଆଉ ଭବିଷ୍ୟତରେ ଦରକାର ହେଲେ ଘରେ କେହି ନ ଥିବା ସମୟରେ କିମ୍ବା ମା'ଙ୍କ ଅସୁସ୍ଥତା ସମୟରେ ପିଲା ଏସବୁ କାମ କରିବାରେ ସହାୟକ ହୋଇପାରିବେ।

### ଯୌଥ ପରିବାରର ଅନୁଭବ

ଏବେ ଅଧିକାଂଶ ପିଲା ଏକାନ୍ନବର୍ତ୍ତୀ ପରିବାରରେ ବଡ଼ ହେଉଛନ୍ତି। ପରିସ୍ଥିତି ଏମିତି ହେଲାଣି ଯେ ସହରରେ ରହୁଥିବା ପିଲାମାନେ ଆଉ ଗାଁକୁ, ମାମୁ ଘର କି ମାଉସୀ ଘର ଯିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ତା'ବଦଳରେ ଘରେ ବସି ଟ୍ୟାବ କି ମୋବାଇଲରେ ଖେଳି ବେଶି ଖୁସି ହେଉଛନ୍ତି। ଏଭଳି ଲାଇଫ୍‌ଷ୍ଟାଇଲ୍ ସେମାନଙ୍କ ଶାରୀରିକ ତଥା ମାନସିକ ବିକାଶରେ ଏକ ବିରାଟ ବାଧା ସୃଷ୍ଟି କରୁଛି। ଏକାଠି ଖିଆପିଆ କରିବା, ପରସ୍ପରକୁ ସାହାଯ୍ୟ କରିବା, ସବୁ ଜିନିଷକୁ ବାଣ୍ଟି ବ୍ୟବହାର କରିବା ଆଦି ସେମାନେ ଆପଣାଇ ପାରୁ ନାହାନ୍ତି। ତେଣୁ ଛୁଟିରେ ପିଲାମାନେ ବନ୍ଧୁ ସମ୍ପର୍କୀୟମାନଙ୍କ ଘରକୁ ବୁଲିବାକୁ ଯାଆନ୍ତୁ ଓ ନିଜ ଘରକୁ ମଧ୍ୟ ସମ୍ପର୍କୀୟମାନଙ୍କୁ ଡାକି ସେମାନଙ୍କ ସହିତ କିଛି ଦିନ ବିତାନ୍ତୁ। ଏହା ଫଳରେ ସେମାନେ ଯୌଥ ପରିବାର ଓ ସମ୍ପର୍କର ମହତ୍ତ୍ୱକୁ ବୁଝିପାରିବେ। ଫଳରେ ବଡ଼ ହେବାପରେ ବି ସେମାନେ ସମସ୍ତଙ୍କ ସହ ମିଳିମିଶି ଚଳିବା ଶିଖିପାରିବେ।

### ଗାଁ ଚଳଣିରେ

ଖରାଛୁଟିରେ ପିଲାମାନେ ନିଶ୍ଚିତଭାବେ ନିଜ ନିଜ ଗାଁକୁ ଅବଶ୍ୟ ଯାଆନ୍ତୁ। ଯଦି ନିଜ ଗାଁକୁ ଯିବା ପାଇଁ ସେଭଳି ସୁବିଧା ନ ଥାଏ ତେବେ ଗାଁରେ ରହୁଥିବା ଅନ୍ୟ କେହି ବନ୍ଧୁଙ୍କ ଘରକୁ ଯାଆନ୍ତୁ। ଗାଁରେ କିଛି ଦିନ ରହିବା ଫଳରେ ପିଲାମାନେ ପରିବେଶ ସହ ଖାପଖୁଆଇ ରହିବା ଶିଖିପାରିବେ। ତେଣୁ ଭବିଷ୍ୟତରେ କୌଣସି କାମରେ କଷ୍ଟଦାୟକ ପରିସ୍ଥିତିରେ ରହିବାକୁ ହେଲେ ଅସୁବିଧା ହେବନି।

### ପରିବେଶ ସୁରକ୍ଷା

ସବୁଠୁ ବଡ଼ କଥା ହେଉଛି ପିଲାମାନେ ଏବେ ଛୁଟିରେ ଢେର୍  ସମୟ ନିଜ ପାଇଁ ପାଉଛନ୍ତି। ତେଣୁ ଏ ସମୟରେ ନିଶ୍ଚିତଭାବେ ପରିବେଶ ସୁରକ୍ଷା ଲାଗି କିଛି କାମ କରନ୍ତୁ। ଯେକୌଣସି ପ୍ରକାରର ଗଛ ନିଶ୍ଚୟ ଲଗାନ୍ତୁ। ଏହା ସହିତ ନିଜ ନିଜ ବାଡ଼ିରେ ଲଗାଯାଇଥିବା ଗଛଗୁଡ଼ିକର ଯତ୍ନ ବି ନିଅନ୍ତୁ। ଖାଲି ସେତିକି ନୁହେଁ, ବର୍ତ୍ତମାନ ସମୟର ଆହ୍ୱାନ ଅନୁସାରେ ରାସ୍ତାକଡ଼ରେ ମଧ୍ୟ ଗଛ ଲଗାଇ ତା'ର ଯତ୍ନ ନିଅନ୍ତୁ। ଏଭଳି କାମ ମାଧ୍ୟମରେ ନିଜେ ପରିବେଶ ସୁରକ୍ଷାରେ ସହଯୋଗ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିପାରିବେ।  ଛୋଟବେଳୁ ପିଲାଙ୍କର ଏପରି କାମ ନିଶ୍ଚିତଭାବେ ସେମାନଙ୍କୁ ଭବିଷ୍ୟତରେ ଜଣେ ସଚେତନ ନାଗରିକଭାବେ ଗଢ଼ି ତୋଳିବ।

### ପ୍ରକୃଷ୍ଟ ସମୟ



ପିଲାଙ୍କ ପାଇଁ ପାଠପଢ଼ା ଯେତିକି ଜରୁରୀ, ସମ୍ପର୍କର ବନ୍ଧନ ବି ସେତିକି ବି ଜରୁରୀ। ବର୍ଷସାରା ତ ସେମାନେ ପାଠ ପଢନ୍ତି, କିନ୍ତୁ ଖରାଛୁଟିରେ ସେଇ ସବୁ କାମ କରନ୍ତୁ ଯାହା ପଢ଼ାବର୍ଷ ଭିତରେ କରିପାରନ୍ତି ନାହିଁ। ନାଚନ୍ତୁ, ଗାଆନ୍ତୁ, ବୁଲନ୍ତୁ ଏମିତି ନିଜ ଇଚ୍ଛା ଯାହା ତାହା ସବୁ କରନ୍ତୁ। ଏଇ ଛୁଟି ହିଁ ନିଜ ଦକ୍ଷତା ବିକାଶ ପାଇଁ ପ୍ରକୃଷ୍ଟ ସମୟ। ସହରରୁ ଯାଇ ଗାଁରେ ରହିବା, ଆମ୍ବ ତୋଳିବା, ମାଛ ଧରିବା, ପହଁରିବା, ଗଛ ଲଗାଇବା ଏସବୁ କାମ ବି ଦକ୍ଷତା ବିକାଶର ଏକ ଏକ ମାଧ୍ୟମ। ତେଣୁ ଖରାଛୁଟିକୁ ଏକ ସୁଯୋଗ ଭାବି ପିଲାମାନେ ପାଠପଢା ସହିତ ନିଜର ପ୍ରତ୍ୟେକ ମହନୀୟ ଇଚ୍ଛାକୁ ପୂରା କରିବାକୁ ଚେଷ୍ଟା କରନ୍ତୁ। ଘରେ ଶାରୀରିକ ପରିଶ୍ରମ ଥିବା କାମ କରନ୍ତୁ, ଜେଜେ, ଜେଜେମା'ଙ୍କ ସହ ସମୟ ବିତାନ୍ତୁ। ଫଳରେ ସମ୍ପର୍କର ନିବିଡ଼ତା ବଢ଼ିବ। ଆଉ ସମସ୍ତଙ୍କ ସହ ମିଳିମିଶି ଚଳିବା ଫଳରେ ପିଲାମାନେ ଭବିଷ୍ୟତରେ ସବୁ ସମ୍ପର୍କ ପ୍ରତି ଥିବା ନିଜ କର୍ତ୍ତବ୍ୟକୁ ବୁଝିପାରିବେ ଏବଂ ସେମାନେ ନିଜକୁ ପୂର୍ଣ୍ଣମାତ୍ରାରେ ଜଣେ ସଫଳ ମଣିଷଭାବେ ଗଢ଼ିତୋଳିପାରିବେ।

**–ଡ. କଳ୍ପନା ସାହୁ**
*ଆସୋସିଏଟ୍ ପ୍ରଫେସର, ଏକ୍ସଆଇଏମ୍‌ବି ୟୁନିଭର୍ସିଟି*












୧



୨



୩



୪



୫



୬



୭



୮

୧ **ଅନନ୍ୟା ରୁପାଲୀ ତ୍ରିପାଠୀ**
କ୍ଲାସ-୮, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

**ପ୍ରାଚୀ ପ୍ରଧାନୀ** ୨
କ୍ଲାସ-୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି

୩ **ପ୍ରତୀକ ଅଦାବର**
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୀରମହାରାଜପୁର, ସୁବର୍ଣ୍ଣପୁର

**ଅନିମେଶ ମିଶ୍ର** ୪
କ୍ଲାସ-୪, ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲ, ବିଦ୍ୟାଧରପୁର, କଟକ

୫ **ସମରଜିତ୍ ପରିଜା**
କ୍ଲାସ- ୪, ମହାବୋଧି ସୋସାଇଟି ପବ୍ଲିକ ସ୍କୁଲ, ୟୁନିଟ୍-୯, ଭୁବନେଶ୍ୱର

**ଇପ୍‌ସିତା ମହାନ୍ତି** ୬
କ୍ଲାସ- ୧୦, ଗୁରୁ ନାନକ ପବ୍ଲିକ ସ୍କୁଲ, ସମ୍ବଲପୁର

୭ **ଶ୍ରୀଜିତା ମିଶ୍ର**
କ୍ଲାସ-୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

**ଲିପୁରାଜ କରାଡ** ୮
କ୍ଲାସ- ୬, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି

## ଦେହ ମନ ଆମ ସୁସ୍ଥ ରହିବ

କ ବି ତା

ଏଇ କଥା ସବୁ ଧ୍ୟାନ ରଖି ଥିଲେ
ଦେହ ଆମ ସୁସ୍ଥ ରହେ
ଦେହ ଭଲ ଥିଲେ ମନ ଭଲ ରହେ
ସ୍ୱାସ୍ଥ୍ୟ ଶିକ୍ଷା ଏହା କହେ।
ପ୍ରଥମ କଥାଟି ସୂର୍ଯ୍ୟ କିରଣ
ଆମ ପାଇଁ ଦରକାରୀ
କଅଁଳ ଖରାରେ ଦେହ ଭିଜାଇଲେ
ଭାରି ହୁଏ ଉପକାରୀ।
ଦ୍ୱିତୀୟରେ ଆମେ ବ୍ୟାୟାମ କରିବା
ସକାଳ ସଞ୍ଜରେ ନିତି
ଶରୀର ଆମ ସୁସ୍ଥ ରହିବ
ରୋଗକୁ ନ ଥିବ ଭିତି।
ତୃତୀୟରେ ଆମ ଶରୀରକୁ ଲୋଡ଼ା
ଖାଦ୍ୟ ଆବଶ୍ୟକ ମତେ
ସୁଷମ ଖାଦ୍ୟ ଦେହ ଚାହିଁ ଥାଏ
ଖାଇବା ଯୋଗାଡ଼ି ସତେ।
ଚତୁର୍ଥରେ ଆମ ଆତ୍ମ ବିଶ୍ୱାସ
କାମରେ ସୁଦୃଢ଼ କରେ
ଦୃଢ଼ ମନା ହୋଇ କାମ କରି ଗଲେ
ସଫଳତା ଆସେ ପରେ।
ପଞ୍ଚମରେ ଭଲ ସାଙ୍ଗ ଦରକାର
ଏକାଠି ବଢ଼ିବା ପାଇଁ
ଭଲ ସାଙ୍ଗ ମେଳେ ଭଲ କାମ କରି
ଆଗକୁ ପାରିବା ଯାଇ।
ଏହି ସବୁ ପ୍ରତି ଧ୍ୟାନ ରଖି ଯଦି
ଜୀବନରେ ଆଗେଇବା
ଦେହ ମନ ଆମ ସୁସ୍ଥ ରହିବ
ସବୁଠି ସଫଳ ହେବା।

– କୀର୍ତ୍ତନ ସାହୁ
ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧



## ଜଙ୍ଗଲ ସାଥିରେ ବସିବା ମିତ

ଜଙ୍ଗଲ ସାଥିରେ ବସିଲେ ମିତ
ଯାଚି ଦେବ ଫୁଲ ଫଳ ବହୁତ।
ଲାଖ ଝୁଣା ମହୁ କେନ୍ଦୁ ପତର
ମହୁଲ ବାଉଁଶ ବେତ ସମ୍ଭାର।
ଘର କରିବାକୁ ଦେବ ସେ କାଠ
ଜାଳିବାକୁ ଦେବ ଶୁଖିଲା କାଠ।
ଅମ୍ଳଜାନ ଦେବ ପ୍ରଶ୍ୱାସ ପାଇଁ
ସୁସ୍ଥ ହେବା ଚେରମୂଳିକା ଖାଇ।
ଲକ୍ଷେ ଜୀବଜନ୍ତୁ ତା' କୋଳେ ବାସ
ଫୁଲ ଫଳ ଖାଇ ହୁଅନ୍ତି ତୋଷ।
ସୁସମୟେ ବର୍ଷା ପାରେ ସେ କରି
ମାଟିକୁ ଜାବୁଡ଼ି ପାରେ ସେ ଧରି।
ତା' ପାଇଁ ବରଷା ହୁଏ ସମୟେ
ଶୀତଳ ସମୀର ସଧିରେ ବହେ।
ଶୀତଳୀକରଣ ଯନ୍ତର ସେହି
ତା' ପାଇଁ ସୁନ୍ଦର ଦିଶଇ ମହୀ।
ଜଙ୍ଗଲ ସୁରକ୍ଷା ଆମରି ରକ୍ଷା
ଜଗତେ ନାହିଁ କେ ତା'ପରି ସଖା।

– ପ୍ରଶାନ୍ତ କୁମାର ସାହୁ
ଇନ୍ଦିପୁର, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## କୁକୁଡ଼ା ଭାଇ

କୁକୁଡ଼ା ଭାଇରେ କୁକୁଡ଼ା ଭାଇ
ଆଖିରେ ତୋର ନିଦ କି ନାହିଁ
ସଅଳ ଉଠିତୁ ନିତି ବୋବାଉ
ନିଦରୁ ଜନଙ୍କୁ ଉଠାଇ ଦେଉ।
ତୋ ରୂପ ସୁନ୍ଦର ନାଲିଆ ଚୂଳ
ରହୁଥାଉ ନିତି
ହୋଇଣ ମେଳ
ପରିବେଶ ସଫା ତୁ
ରଖିଥାଉ



ସମାଜର ହିତେ ତୁ ଲାଗିଥାଉ।
ଜାଗ୍ରତ କରୁ ତୁ ସକାଳୁ ଉଠ
କର୍ମ କରିଯାଅ ନକର ମଠ
କରିଥାଉ ନିତି ତୁ ଉପକାର
ବୁଝେନା ମଣିଷ ସାଜଇ କ୍ରୁର।
ଶୁଣରେ ପିଲାଏ କୁକୁଡ଼ା ପରି
ଅଳସ ତେଜିବ ନ କରି ଡେରି
ନିଜ କର୍ମେ ନିତି ଲାଗିବ ଯାଇ
ଜୀବନରେ ଦୁଃଖ ଭୋଗିବ ନାହିଁ।
ତା' ପରି ହୋଇବ ତୁମେ ଚଞ୍ଚଳ
ସକାଳୁ ଉଠିବ ନିତି ସଅଳ।

– ନଳିନୀ ଦାଶ
ଭିକାରିପଡା, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ଏକ ସଙ୍ଗେ ୩୦ ହୁଲା ହୁପ୍ସ

ପିଲାମାନେ ତୁମେ ତ ବେଳେବେଳେ ସର୍କସରେ ଦେଖିଥିବ ଯେ ଜଣେ ଜଣେ ଦୁଇ ଚାରୋଟି ଲେଖାଏଁ ହୁଲା ହୁପ୍ସ (ବଡ଼ ବଡ଼ ରିଙ୍ଗଭଳି)କୁ ନିଜ ଦେହରେ କିପରି ସୁନ୍ଦରଭାବରେ ସନ୍ତୁଳନ ରକ୍ଷା କରି ଘୁରାଇ ପାରନ୍ତି। ଅବଶ୍ୟ କେତେଜଣ ୫-୬ଟି ହୁଲା ହୁପ୍ସକୁ ଏକ ସମୟରେ ଘୁରାଇ ପାରନ୍ତି। ହେଲେ ଏପରି ୩୦ଟି ହୁଲା ହୁପ୍ସକୁ ନିଜ ଦେହରେ ଏକ ସଙ୍ଗରେ କେହି କେବେ ଯେ ଘୁରାଇ ପାରିବ, ଏକଥା ହୁଏତ ବିଶ୍ୱାସ ହେଉ ନ ଥିବ। କିନ୍ତୁ ଏଭଳି ଏକ କାମ କରି ଦେଖାଇଛନ୍ତି ମାରିଅମ୍ ଓଲେଓ୍ୱଲା। ଏକ ସମୟରେ ଏତେଗୁଡ଼ିଏ ହୁଲା ହୁପ୍ସକୁ ୩୫ ସେକେଣ୍ଡ ପର୍ଯ୍ୟନ୍ତ ଘୁରାଇ ପାରିଥିବାରୁ ମାରିଅମ୍ ଏବେ ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରି ପାରିଛନ୍ତି। ବିଭିନ୍ନ ରଙ୍ଗର ହୁଲା ହୁପ୍ସଗୁଡ଼ିକ ଦେହରେ ଘୁରାଇବାର କଳାକୁ ପ୍ରଦର୍ଶନ କରି ସେ ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ଲୋକେ ତାଙ୍କର ଏଭଳି ଏକ ଦକ୍ଷତା ଦେଖି ବେଶ୍ ପ୍ରଶଂସା ମଧ୍ୟ କରୁଛନ୍ତି। ତେବେ ଏଭଳି ଏକ ରେକର୍ଡ କରିବାକୁ ସେ ଅନେକ ଦିନ ଧରି ଅଭ୍ୟାସ କରୁଥିଲେ ବୋଲି କହିଛନ୍ତି। ମାରିଅମ୍ ଲଣ୍ଡନର ଏକ ସର୍କସ ଗ୍ରୁପରେ କାମ କରନ୍ତି ତେଣୁ ଏହି ରେକର୍ଡ କରିବା ନିମନ୍ତେ ଅଭ୍ୟାସ କରିବା ତାଙ୍କ ଲାଗି ସହଜ ହୋଇପାରିଛି ବୋଲି କହିଛନ୍ତି।



## ଏଥରର




- ଏଭେରେଷ୍ଟ ଶୃଙ୍ଗରେ ପଦାର୍ପଣ କରିଥିବା ପ୍ରଥମ ବ୍ୟକ୍ତି ?
- ପ୍ରଥମ ମହିଳା ଏଭେରେଷ୍ଟ ଆରୋହଣକାରୀ ?
- ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିଥିବା ପ୍ରଥମ ବ୍ୟକ୍ତି ?
- କୃତ୍ରିମ ଉପଗ୍ରହ ପ୍ରେରଣ କରିଥିବା ପ୍ରଥମ ଦେଶ ?
- ପୃଥିବୀର ପ୍ରଥମ ମହିଳା ରାଷ୍ଟ୍ରପତି ?

## ଗତଥରର

- ଶଙ୍କରାଚାର୍ଯ୍ୟ
- ଗୁରୁ ନାନକ
- ମହାବୀର
- ଗୌତମ ବୁଦ୍ଧ
- ଶ୍ରୀଚୈତନ୍ୟ



## କହିଲ ଦେଖି

ଯେତିକି ଓସାର ତା'ର ଲମ୍ବ ଚାରିଗୁଣ
ସେଥିରେ ଭୋଜନ କଲେ ସନ୍ତୋଷ ବାହ୍ମଣ
ନୁହେଁ ସିଲିଭର କିମ୍ବା କଂସାର ଏ ପାତ୍ର
ଶାଖା ବିହୀନ ଗଛର ଏହା ଅଟେ ପତ୍ର
ଯେ କହିବ ତା'ର ନାମ, ତା' ମନଟି ପବିତ୍ର
ଯେ କହି ପାରିବ ସିଏ ଜିତିବ ସର୍ବତ୍ର।



**ଉତ୍ତର– କଦଳୀ ପତ୍ର**

ମଞ୍ଜିରୁ ନୁହଁଇ ସୃଷ୍ଟି ପୁଆରୁ ଜନମ
ତା' ଦେହର ସବୁ ଅଂଶ ଲାଗଇ କରମ
ତା' ଫଳ ପତର ଆମ ପୂଜାରେ ଲାଗଇ
ତା' ଶରୀରେ ଥିବା ମଞ୍ଜା ବ୍ୟଞ୍ଜନ ହୁଅଇ
କେ ଜାଣିଛ ତା'ର ନାମ ଦିଅ ହେ ବତାଇ।



**ଉତ୍ତର– କଦଳୀ ଗଛ**

ଲୌହସାର ଭରପୂର ଏଫଳ ଅଟଇ
ଏକ ବୃକ୍ଷେ ଥରେ ମାତ୍ର ଫଳଟି ଫଳଇ
ପାଚିଗଲେ ଭୋଗ ହୁଏ କଞ୍ଚାରେ ତରକାରୀ
ଧନୀ ଗରିବଙ୍କର ସବୁ ଏହା ଦରକାରୀ
ତା'ର ନାମ କହି ଦେବେ ନିଶ୍ଚେ ଯେ ବେପାରୀ।



**ଉତ୍ତର– କଦଳୀ**

– ଦୀନବନ୍ଧୁ ପୋଇ
ଗୋରଡ଼ା ପାଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

# ଡେଣା ସ୍ଥିର ରଖି ଉଡୁଥିବା ପକ୍ଷୀ



**ପ**କ୍ଷୀଟିଏ ଡେଣା ସାହାଯ୍ୟରେ ଉଡିଥାଏ। କିନ୍ତୁ ଏଭଳି ଏକ ପକ୍ଷୀ ରହିଛି, ଯିଏ କି ନିଜ ଡେଣାକୁ ସ୍ଥିର ରଖି ଅନେକ ବାଟ ଉଡିପାରେ। 'ଏଡିୟନ୍ କୋଣ୍ଡୋର' ନାମକ ଉକ୍ତ ପକ୍ଷୀ ଡେଣାର ଲମ୍ୱ ପ୍ରାୟ ୧୦ ଫୁଟ୍ ହୋଇଥିବା ବେଳେ ଶରୀରର ଓଜନ ପ୍ରାୟ ୧୫ କି.ଗ୍ରା। ଏମାନଙ୍କ ଜୀବନକାଳ ୭୫ବର୍ଷ ପର୍ଯ୍ୟନ୍ତ ହୋଇଥାଏ। ଆଉ ଏମାନଙ୍କ ଉଡ଼ିବା ବେଗ ବିଷୟରେ ଜାଣିବା ପାଇଁ ଡେଣାରେ ଏକ ବେଗ ରେକର୍ଡିଂ ମେସିନ୍ ବୈଜ୍ଞାନିକମାନେ ଲଗାଇଥିଲେ। ସେଥିରୁ ଜଣାପଡ଼ିଲା ଯେ, ଏମାନେ ଥରକେ ୧୬୦ କି.ମି. ପର୍ଯ୍ୟନ୍ତ ଉଡିପାରନ୍ତି। ଏହି ପକ୍ଷୀ ଯେତେବେଳେ ଉଡ଼ିବା ଆରମ୍ଭ କରେ, ସେତେବେଳେ ଟିକେ ଡେଣାକୁ ହଲାଇଥାଏ। ଏମାନେ ପ୍ରାୟ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ଉଡ଼ିପାରନ୍ତି। ଅଣ୍ଡିରା ଏଡିୟନ୍ କୋଣ୍ଡୋର ବେକରେ ଧଳା ଚିହ୍ନ ଥିବା ବେଳେ ମାଈ ପକ୍ଷୀଠାରେ ଏମିତି କୌଣସି ଚିହ୍ନ ଦେଖିବାକୁ ମିଳି ନ ଥାଏ। ଏମାନଙ୍କ ବସା ଏଡିଜ୍ ଏବଂ ସାନ୍ତା ମାର୍ତ୍ତା ପର୍ବତର ଶିଖର ଭାଗରେ ଦେଖିବାକୁ ମିଳେ। ପରିବେଶକୁ ସ୍ୱଚ୍ଛ ରଖିବାରେ ଏମାନଙ୍କର ବେଶ ଅବଦାନ ରହିଛି ।

# ବିଷାକ୍ତ ବେଙ୍ଗ



**ସା**ଧାରଣତଃ ଘର ଆଖପାଖରେ ବେଙ୍ଗ ସହଜରେ ଦେଖିବାକୁ ମିଳିଯିବେ। କିନ୍ତୁ ଏଠାରେ ଯେଉଁ ବେଙ୍ଗ ବିଷୟରେ ଉଲ୍ଲେଖ କରାଯାଉଛି, ସେ ଦେଖିବାକୁ ସିନା ସୁନ୍ଦର ହେଲେ ଭାରି ବିଷାକ୍ତ। ଏହାର ନାମ ହେଉଛି ପଏଜନସ୍ ଗୋଲଡେନ୍ ଡାର୍ଟ ଫ୍ରଗ୍ । ଏଭଳି ଭୟଙ୍କର ବେଙ୍ଗ ଏକାଥରେ ୧୦ ଜଣ ମଣିଷଙ୍କ ଜୀବନ ନେବାର କ୍ଷମତା ରଖିଥାଏ। ଏହାର ଲମ୍ୱ ପାଖାପାଖି ଦୁଇ ଇଞ୍ଚ ହେବ। ଏମାନଙ୍କର ରଙ୍ଗ ହଳଦିଆ, ସବୁଜ ଓ ନାରଙ୍ଗୀ । ଏପରି ବେଙ୍ଗ ନିଜ ପ୍ରତି କୌଣସି ବିପଦର ସଙ୍କେତ ପାଇବା ମାତ୍ରେ ତା' ଚମଡ଼ାରୁ ଏକ ପ୍ରକାର ବିଷ ନିର୍ଗତ କରିଥାଏ। ଯଦି ଏହି ବିଷ ଅଜାଣତରେ କାହା ଶରୀରରେ ପଡିଯାଏ, ତେବେ ଏହାର ଖରାପ ପ୍ରଭାବ ମଣିଷ ଶରୀର ଉପରେ ଧୀରେ ଧୀରେ ପଡିବାକୁ ଆରମ୍ଭ କରେ। ଏଭଳି ବିଷ ସଂସ୍ପର୍ଶରେ ଆସିବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ଠାରେ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଯାଏ। ମାତ୍ର କିଛି ସମୟ ପରେ ସେହି ବ୍ୟକ୍ତି ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଛି। ସମଗ୍ର ବିଶ୍ୱରେ ଏପରି ବିଷଧର ବେଙ୍ଗଙ୍କର ପ୍ରଜାତି ସଂଖ୍ୟା ପ୍ରାୟ ୧୦୦। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଜାତି କଲମ୍ବିଆରେ ଦେଖିବାକୁ ମିଳନ୍ତି ।



# କଳା ସେଓ

**ଆ**ମେ ସାଧାରଣତଃ ନାଲି ରଙ୍ଗର ସେଓ ବଜାରରେ ଦେଖିବାକୁ ପାଇଥାଉ। ଏହାବ୍ୟତୀତ କଳା ଏବଂ ସବୁଜ (ଗ୍ରୀନ୍) ରଙ୍ଗର ସେଓ ମଧ୍ୟ ରହିଛି। କିନ୍ତୁ କଳାରଙ୍ଗର ସେଓରେ ଅନେକ ପୌଷ୍ଟିକ ତତ୍ତ୍ୱ ସହ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଏବଂ ଭିଟାମିନ୍ ପୂର୍ଣ୍ଣ ମାତ୍ରାରେ ଅଛି । ଏହାକୁ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହି କଳା ସେଓ ଦେଖିବାକୁ ଯେତିକି ସୁନ୍ଦର, ସ୍ୱାଦରେ ମଧ୍ୟ ଠିକ୍ ସେମିତି ଚମତ୍କାର। ଏହା ମଧ୍ୟ ସହଜରେ ବଜାରରେ ମିଳେନି। ଏହି ଖାସ୍ ସେଓ(ଆପେଲ)କୁ 'ଡାଇମଣ୍ଡ ଆପଲ' କୁହାଯାଏ। ଏହାକୁ ସବୁଠାରେ ଚାଷ କରାଯାଏନି। ଯେଉଁ ସ୍ଥାନରେ ସବୁବେଳେ ଥଣ୍ଡା ଅନୁଭୂତ ହୁଏ, ସେଠାରେ ଚାଷ କରାଯାଏ। ଏହାକୁ ଭୁଟାନ୍ ଏବଂ ତିବ୍ବତର କିଛି ସ୍ଥାନରେ ଚାଷ ହେଉଥିବାର ଦେଖାଯାଏ। ଏହାର ଗୋଟିଏ ସେଓର ଦାମ୍ ୧୦୦୦-୧୫୦୦ ଟଙ୍କା ହୋଇଥାଏ। ଏହି ସେଓ ଭେରାଇଟିକୁ 'ହୁଆ ନିୟୁ' କୁହାଯାଏ।








# ରେସଲିଂ-ବକ୍ସିଙ୍ଗ

**ଭାରତରେ ବିଭିନ୍ନ ପ୍ରକାର ଖେଳ ଖେଳାଯାଇଥାଏ। ରେସଲିଂ-ବକ୍ସିଂ ଏ ମଧ୍ୟରୁ ଦୁଇଟି ଖେଳ। ରେସଲିଂ ଏବଂ ବକ୍ସିଂ ମଧ୍ୟରେ କ'ଣ ତଫାତ୍ ତାହା ବୁଝିବା।**

**ରେସଲିଂ:** ଏଥିରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଶାରୀରିକ ଲଢ଼େଇ ହୋଇଥାଏ। ଏଥିରେ କ୍ଲିଞ୍ଚ ଫାଇଟିଂ, ଥ୍ରୋ, ଟେକ୍ ଡାଉନ୍ ଏବଂ ଜଏଣ୍ଟ ଲକ୍ ବ୍ୟବହୃତ ହୋଇଥାଏ। ଏହି ଖେଳ ଅଲିମ୍ପିକ୍‌ରେ ବି ସାମିଲ୍ ହୋଇଛି।

**ବକ୍ସିଂ :** ବକ୍ସିଂରେ ମଧ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ, ଜଣେ ଆଉଜଣଙ୍କୁ ପଞ୍ଚ୍ ମାରିଥାଏ। ଏହା ଦୃଢ଼ତା,ସ୍ପିଡ୍,ଏଣ୍ଡୁରାନ୍ସ ଓ ରିଫ୍ଲେକ୍ସସ୍‌ର ସମନ୍ୱୟର ଖେଳ, ଯେଉଁଥିରେ ସାମ୍ନାରେ ଥିବା ପ୍ରତିଦ୍ୱନ୍ଦ୍ୱୀକୁ ପଞ୍ଚ୍ ମାରି ହରାଇବାର ଥାଏ। ଖେଳାଳିଙ୍କ ସୁରକ୍ଷାକୁ ନଜର ରଖି ରେଫରି ରହିଥାନ୍ତି ଯାହାଙ୍କୁ ହେଡ୍ ଗିୟର ସହିତ ଅନ୍ୟ ପ୍ରକାର ଗିୟର ବି ଉପଲବ୍ଧ କରାଯାଇଥାଏ।



# ଆ ଇ ନା



ଅନିଷ୍କା ପଟ୍ଟନାୟକ
୬ ବର୍ଷ, ଅନୁଗୋଳ



ତିଥି ତ୍ରିପର୍ଣ୍ଣା ନାଥ
୩ ବର୍ଷ, ଯାଜପୁର